# ପୌର ନିର୍ବାଚନ

ସହରାଞ୍ଚଳର ସ୍ୱାୟତ୍ତଶାସିତ ସଂସ୍ଥା ଗୁଡିକର ନିର୍ବାଚନ ଓଡିଶା ମ୍ୟୁନିସିପାଲ ଅଧିନିୟମ 1950, ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994, ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003, ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003 ଅନୁଯାୟୀ ଅନୁଷ୍ଠିତ ହୁଏ ।

୧) କିଏ ନିର୍ବାଚନ ଅଧିକାରୀମାନଙ୍କୁ ନିଯୁକ୍ତି ଦିଅନ୍ତି ? କେଉଁମାନଂକୁ ନିର୍ବାଚନ ଅଧିକାରୀଭାବେ ନିଯୁକ୍ତି ଦିଆଯାଇପାରିବ ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 2(e) ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003 ର ନିୟମ 2(h) ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୁକ୍ତ ରାଜ୍ୟ ସରକାରଂକ ଯେ କୌଣସି ଅଧିକାରୀଂକୁ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତି କରନ୍ତି ।

ସାଧାରଣତଃ ଜିଲ୍ଲାର ଜିଲ୍ଲାପାଳ ମାନେ ନିର୍ବାଚନ ଅଧିକାରୀ ଅଟନ୍ତି ଏବଂ ଆବଶ୍ୟକ ସ୍ଥଳେ ପରିସ୍ଥିତି ଅନୁଯାୟୀ ଜିଲ୍ଲାର ଅନ୍ୟ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ପ୍ରକଳ୍ପ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଧିସୂଚିତ ଜନଜାତି ଉନ୍ନୟନ ସଂସ୍ଥା, ଉପ ଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥାଏ ।

୨) କିଏ ପୋଲିଂ ଅଫିସରଙ୍କୁ ନିଯୁକ୍ତି ଦିଅନ୍ତି ?

ଉ: ନିର୍ବାଚନ ଅଧିକାରୀ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 2(i) ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003 ର ନିୟମ 2(m) ଅନୁସାରେ ପୋଲିଂ ଅଫିସରଂକୁ ନିଯୁକ୍ତି ଦିଆଯାଇଥାଏ ।

୩) କିଏ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କରନ୍ତି ?

ଉ: ଭାରତୀୟ ସମ୍ବିଧାନର ଧାରା 243(ZA) ଦ୍ୱାରା କ୍ଷମତା ପ୍ରାପ୍ତ ରାଜ୍ୟ ନିର୍ବାଚନ ଆୟୁକ୍ତ ଏହି ନିର୍ବାଚନ ପର୍ଯ୍ୟବେକ୍ଷକମାନଂକୁ ନିଯୁକ୍ତି କରିଥାଆନ୍ତି ।

୪) କିଏ ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କରିଥାଆନ୍ତି ଏବଂ ତାଙ୍କର କାର୍ଯ୍ୟ କ'ଣ ଅଟେ ?

ଉ: ରାଜ୍ୟ ନିର୍ବାଚନ ଆୟୁକ୍ତ ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଥାଆନ୍ତି। ବିଭିନ୍ନ ପଦବୀପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସୀମା ଯେପରି ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ ସୀମା ମଧ୍ୟରେ ସିମିତ ରହେ ତାହା ତଦାରଖ ପାଇଁ ଏହି ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥାଏ।

ଉ: ପ୍ରତ୍ୟେକ ୱାର୍ଡର ମତଦାତାଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ କାଉନସିଲର ନିର୍ବାଚିତ ହୋଇଥାଆନ୍ତି।

୫) ୱାର୍ଡର କାଉନସିଲର ଓ କର୍ପୋରେଟର କିପରି ନିର୍ବାଚିତ ହୋଇଥାଆନ୍ତି ?

ଉ: ପ୍ରତ୍ୟେକ ୱାର୍ଡର ମତଦାତାଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ କାଉନସିଲର ଓ କର୍ପୋରେଟରମାନେ ନିର୍ବାଚିତ ହୋଇଥାଆନ୍ତି।

୬) କିପରି ମେୟର/ଡେପୁଟି ମେୟର, ଅଧକ୍ଷ ଏବଂ ଉପାଧକ୍ଷ ନିର୍ବାଚିତ ହୋଇଥାଆନ୍ତି ?

ଉ: ମେୟର/ଅଧ୍ୟକ୍ଷ ମାନେ ପ୍ରତ୍ୟେକ ୱାର୍ଡରେ ମତଦାତାଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବେ। ସେହିପରି ମେୟର/ଅଧ୍ୟକ୍ଷ ନିର୍ବାଚନର 30 ଦିନ ମଧ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଧାର୍ଯ୍ୟ ତାରିଖରେ ଡେପୁଟି ମେୟର ଓ ଉପାଧ୍ୟକ୍ଷ ନିର୍ବାଚନ ହେବାର ନିୟମ ଅଛି।

୭) କାଉନସିଲର/କର୍ପୋରେଟର ନିର୍ବାଚନ ପାଇଁ ଭୋଟରତାଲିକା ପ୍ରସ୍ତୁତି କାହାର ଦାୟିତ୍ୱ ? ଏହା କିପରି ପ୍ରସ୍ତୁତ କରାଯାଇଥାଏ ?

ଉ: ସମ୍ବିଧାନର ଧାରା 243-ZA ସହିତ ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା II-A ଏବଂ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003ର ଧାରା 65 ପ୍ରଦତ୍ତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୋଗ କାଉନସିଲର/କର୍ପୋରେଟର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରିବାପାଇଁ ନିର୍ବାଚନ ଅଧିକାରୀଂକୁ ନିର୍ଦ୍ଦେଶ ଦେଇଥାଆନ୍ତି ଏବଂ ଆୟୋଗର ତତ୍ତ୍ୱାବଧାନରେ ଏହି ସମ୍ପାଦିତ ହୋଇଥାଏ।

ପ୍ରଥମେ ବିଧାନସଭା ନିର୍ବାଚନ ମଣ୍ଡଳୀର ଯେଉଁ ଅଂଶ ୱାର୍ଡଟିକୁ ସଂଯୋଗ କରୁଛି ସେହି ଅଂଶଟିକୁ ଅଲଗା କରାଯାଇ ସେହି ୱାର୍ଡର ଚିଠା ଭୋଟରତାଲିକା ଭାବେ ବ୍ୟବହୃତ ହୁଏ। ଓଡିଶା ମ୍ୟୁନିସିପାଲ ଅଧିନିୟମ 1950ର ଧାରା 13 ଏବଂ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 4ରୁ 15 ମଧ୍ୟରେ ଦିଆଯାଇଥିବା ନିର୍ଦ୍ଦେଶ ଏବଂ ପ୍ରଣାଳୀ ଅନୁଯାୟୀ ଏହି ଭୋଟର ତାଲିକା ପୌରସଂସ୍ଥାପାଇଁ ପ୍ରସ୍ତୁତ କରାଯାଇଥାଏ। ସେହିପରି ପୌରପାଳିକା ପାଇଁ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003ର ଧାରା 65 ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ

ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 4ରୁ 15 ମଧ୍ୟରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପୌରପାଳିକାର ୱାର୍ଡମାନଙ୍କର ଭୋଟର ତାଲିକା ପ୍ରସ୍ତୁତି ହୋଇଥାଏ ।

ପ୍ର) ୱାର୍ଡର ସୀମା ନିର୍ଦ୍ଧାରଣ କିଏ କରିଥାଆନ୍ତି ଏବଂ ଏହା କିପରି କରାଯାଇଥାଏ ?

ଉ: ଜିଲ୍ଲାର ଜିଲ୍ଲାପାଳ ପୌରସଂସ୍ଥାଗୁଡିକରେ ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ କରିଥାନ୍ତି । ଓଡିଶା ମ୍ୟୁନିସିପାଲ ଅଧିନିୟମ 1950ର ଧାରା 12 ଅନୁଯାୟୀ ପ୍ରଥମେ ଜିଲ୍ଲାର ଜିଲ୍ଲାପାଳ ପୌରସଂସ୍ଥାକୁ ୱାର୍ଡ ଗୁଡିକରେ ବିଭକ୍ତ କରଣର ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରିଥାନ୍ତି ଯାହାର ସଂଖ୍ୟା 11ରୁ କମ୍ ବା 40ରୁ ଅଧିକ ହୋଇନଥିବ ଏବଂ ପ୍ରାୟତଃ ପ୍ରତ୍ୟେକ ୱାର୍ଡର ଜନସଂଖ୍ୟା ଆପାତତଃ ସମାନ ଥିବ । ଜନସାଧାରଣଂକଠାରୁ ଆପତ୍ତି, ଅଭିଯୋଗ ଗ୍ରହଣ କରାଯାଇଥାଏ । ଜନସାଧାରଣଂକ ଆପତ୍ତି, ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ୱାର୍ଡଗଠନର ଚୂଡାନ୍ତ ରୂପରେଖ ପ୍ରକାଶ କରିଥାଆନ୍ତି ।

ସେହିପରି ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 60 ଅନୁଯାୟୀ ରାଜ୍ୟ ସରକାର ପୌର ନିଗମର ୱାର୍ଡ ବିଭକ୍ତିକରଣ କରିଥାଆନ୍ତି । ଜନସଂଖ୍ୟା କେତେ ଥିଲେ କେତେ ୱାର୍ଡରେ ପୌର ନିଗମ ବିଭକ୍ତ ହୋଇପାରିବ ତାହା ନିମ୍ନରେ ପ୍ରଦତ୍ତ ହେଲା ।

| ଜନସଂଖ୍ୟା | ସର୍ବନିମ୍ନ | ଜନସଂଖ୍ୟା ବଢିଲେ ୱାର୍ଡ ସଂଖ୍ୟା | ସର୍ବୋଚ୍ଚ |
|---|---|---|---|
| 3 ଲକ୍ଷରୁ ଅଧିକ 6 ଲକ୍ଷରୁ କମ୍ | 39 | 3 ଲକ୍ଷ ଉପରେ ପ୍ରତି 15000ରେ ଗୋଟିଏ ବଢିବ | 59 |
| 6 ଲକ୍ଷରୁ ଅଧିକ 12 ଲକ୍ଷରୁ କମ୍ | 59 | 6 ଲକ୍ଷ ଉପରେ ପ୍ରତି 30000ରେ ଗୋଟିଏ ବଢିବ | 79 |
| 12 ଲକ୍ଷରୁ ଅଧିକ 24 ଲକ୍ଷରୁ କମ୍ | 79 | 12 ଲକ୍ଷ ଉପରେ ପ୍ରତି 40000ରେ ଗୋଟିଏ ବଢିବ | 109 |
| 24 ଲକ୍ଷରୁ ଅଧିକ | 109 | 24 ଲକ୍ଷ ଉପରେ ପ୍ରତି 60000ରେ ଗୋଟିଏ ବଢିବ | 150 |

ପ୍ରଥମେ ୱାର୍ଡ ବିଭକ୍ତିକରଣର ଏକ ଚିଠା ବିଜ୍ଞପ୍ତି ପ୍ରକାଶ ପାଇ ଏହାର 10 ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଜନସାଧାରଣଂକଠାରୁ ଆହ୍ୱାନ କରାଯାଏ । ଏହି ଆପତ୍ତି ଅଭିଯୋଗ ଶୁଣାଣି କରି ସରକାର ଚୂଡାନ୍ତ ୱାର୍ଡ ତାଲିକା ପ୍ରକାଶ କରନ୍ତି । ଏହା ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 3(5)ଅନୁଯାୟୀ ସମାହିତ ହୋଇଥାଏ ।

୯) କିଏ ୱାର୍ଡମାନଂକରେ ଆସନ ସଂରକ୍ଷଣ କରିଥାଆନ୍ତି ଏବଂ ଏହି କିପରି କରାଯାଇଥାଏ?

ଉ: ଜିଲ୍ଲାପାଳ ପୌର ସଂସ୍ଥାରେ ୱାର୍ଡଗୁଡିକର ଓଡିଶା ମ୍ୟୁନିସିପାଲ ଅଧିନିୟମ 1950ର ଧାରା 11 ସହିତଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994 ନିୟମ 2-A ଏବଂ 3 ଅନୁଯାୟୀ ଏହି ଆସନ ସଂରକ୍ଷଣ କରିଥାଆନ୍ତି । ପୌରନିଗମରେ ସେହିପରି ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003ର ଧାରା 7 ସହିତଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 3 ଅନୁଯାୟୀ ଓଡିଶା ସରକାର ଏହି ଆସନ ସଂରକ୍ଷଣ କରିଥାଆନ୍ତି ।

୧୦) କିଏ ମେୟର/ଉପମେୟର, ଅଧକ୍ଷ ଏବଂ ଉପାଧକ୍ଷ ପଦବୀ ଅନୁସୁଚିତ ଜାତି, ଅନୁସୁଚିତ ଉପଜାତି, ପଛୁଆବର୍ଗ ଏବଂ ମହିଳାଙ୍କ ପାଇଁ ସଂରକ୍ଷଣ କରିଥାଆନ୍ତି?

ଉ: ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003ର ଧାରା 14(4) ଏବଂ ଓଡିଶା ମ୍ୟୁନିସିପାଲ ଅଧିନିୟମ 1950ର ଧାରା 47(4) ଅନୁଯାୟୀ ରାଜ୍ୟ ସରକାର ମେୟର/ଉପମେୟର, ଅଧକ୍ଷ ଏବଂ ଉପାଧକ୍ଷ ପଦବୀ ଅନୁସୁଚିତ ଜାତି, ଅନୁସୁଚିତ ଜନଜାତି, ପଛୁଆବର୍ଗ ଏବଂ ମହିଳାଂକ ପାଇଁ ସଂରକ୍ଷଣ କରିଥାନ୍ତି ।

୧୧) କିଏ ପୌର ନିର୍ବାଚନରେ ଭୋଟ ଦେବାକୁ ଯୋଗ୍ୟ?

ଉ: ଅଠର ବର୍ଷ ବୟସରୁ ଉର୍ଦ୍ଧ୍ୱ ଯେଉଁ ବ୍ୟକ୍ତିବିଶେଷଙ୍କ ନାମ ଯଦି ଯେ କୌଣସି ୱାର୍ଡର ଭୋଟର ତାଲିକାରେ ସ୍ଥାନ ପାଇଥାଏ ସେମାନେ ହିଁ କେବଳ ସେହି ୱାର୍ଡର ପୌର ନିର୍ବାଚନରେ ଭୋଟ ଦେଇପାରିବେ ।

୧୨) ପୌର ନିର୍ବାଚନରେ ପ୍ରାର୍ଥୀ ହେବାପାଇଁ ଯୋଗ୍ୟତା କ'ଣ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 25(1) ଅନୁଯାୟୀ ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 67(1) ଅନୁଯାୟୀ ଯେ କୌଣସି ବ୍ୟକ୍ତି ଯିଏକି 21 ବର୍ଷ ବା ତଦୁର୍ଦ୍ଧ ଏବଂ ଯାହାର ପୌର ପରିଷଦ ନିଗମର ଯେ କୌଣସି ୱାର୍ଡର ଭୋଟର ତାଲିକାରେ ନାମ ଥିବା ଆବଶ୍ୟକ ।

୧୩) କେଉଁ କ୍ଷେତ୍ରରେ ପ୍ରାର୍ଥୀ ପୌର ନିର୍ବାଚନ ଲଢିବାପାଇଁ ଅଯୋଗ୍ୟ ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 16 ଅନୁଯାୟୀ ଜଣେ ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଯୋଗ୍ୟ ନୁହଁନ୍ତି ଯେତେବେଳେ ।

୧) ସେ 21 ବର୍ଷରୁ କମ୍ ହୋଇ ଥାଆନ୍ତି ।

୨) ଯଦି କୌଣସି ୱାର୍ଡର ଭୋଟର ତାଲିକାରେ ସ୍ଥାନ ପାଇନାହାନ୍ତି ।

୩) ଯଦି ଇଂରାଜୀ, ହିନ୍ଦି ବା ରାଜ୍ୟର ଭାଷା ଲେଖିବା ବା ପଢ଼ା ଜାଣି ନାହାଁନ୍ତି ।

୪) ଯଦି ସେ କୌଣସି ନ୍ୟାୟପାଳିକାଦ୍ୱାରା ମାନସିକ ବିକାରଗ୍ରସ୍ତ ବୋଲି ବିବେଚିତ କରିଥାଆନ୍ତି ।

୫) ଜିଲ୍ଲା କୁଷ୍ଠ ନିବାରଣ ଅଧିକାରୀଂକ ଦ୍ୱାରା ସଂକ୍ରମିତ କୁଷ୍ଠରୋଗରେ ପୀଡିତ ବୋଲି ଘୋଷିତ ହୋଇଥାଆନ୍ତି ।

୬) ଯଦି ସେ କୌଣସି ନ୍ୟାୟପାଳିକା ଦ୍ୱାରା ଦେବାଳିଆ ଘୋଷିତ ହୋଇଥାଆନ୍ତି ।

୭) ପୌର ପରିଷଦର ବକେୟା ଦେୟଣା ପରିଶୋଧ କରି ନ ଥାଆନ୍ତି ।

୮) ଇଛାକୃତ ଅବହେଳା କିମ୍ବା ଅସଦାଚରଣ ଯୋଗୁଁ ସ୍ଥାନୀୟ ନିଧି ସମୀକ୍ଷା ଆଇନ 1948ର ଧାରା 375 ଅନୁସାରେ ପାଉଣା ଦେଇନଥାନ୍ତି ।

୯) ଯଦି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପୌର ଠିକା କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବେ ।

୧୦) ଯଦି ପୌର ସଂସ୍ଥା ଦ୍ୱାରା ଓକିଲ ଭାବେ ନିଯୁକ୍ତି ପାଇଥିବେ ।

୧୧) ଯଦି ପୌରସଂସ୍ଥା କୌଣସି କର୍ମଚ୍ୱାରୀ ହୋଇଥିବେ ବା ଅବୈତନିକ ମାଜିଷ୍ଟ୍ରେଟ ହିସାବରେ ସେହି ପୌରାଞ୍ଚଳ ତାଙ୍କ ଅଧିନରେ ଥିବ ।

୧୨) ଯଦି ସେ ସ୍ଥାୟୀ ବା ଅସ୍ଥାୟୀ ସରକାରୀ କର୍ମଚ୍ୱାରୀ ହୋଇଥିବେ କିମ୍ବା ଦୁର୍ନୀତି ବା ବିଶ୍ୱସ୍ତତା ହରାଇଥିବା ଯୋଗୁଁ ସରକାରୀ ଚ୍ୱାକିରୀରୁ ବହିଷ୍କୃତ ହୋଇଥିବେ ।

୧୩) ଯଦି କୌଣସି ଅଦାଲତ ଦ୍ୱାରା ଦଣ୍ଡିତ ହୋଇ 6 ମାସରୁ ଉର୍ଦ୍ଧ୍ୱ କାରାବରଣ କରିଥିବେ କିମ୍ବା କ୍ଷମା ପାଇଥିଲେ 3 ବର୍ଷ ପର୍ଯ୍ୟନ୍ତ ଯୋଗ୍ୟତା ବଳବତ୍ତର ରହିବ ।

୧୪) ଯଦି ସେ ନିର୍ବାଚନ ସମ୍ବନ୍ଧୀୟ କୌଣସି ଦୁର୍ନୀତି କିମ୍ବା ବେଆଇନ ପନ୍ଥା ଅବଲମ୍ବନ କରିଥିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଦଣ୍ଡିତ ହୋଇଥାଆନ୍ତି ।

୧୫) ଯଦି ଅନ୍ୟ କୌଣସି ନିୟମ ଦ୍ୱାରା ନିର୍ବାଚନ ଲଢିବାକୁ ଅଯୋଗ୍ୟ ହୋଇଛନ୍ତି ।

୧୬) ଯଦି ତାଙ୍କର ଏକାଧିକ ପତି କିମ୍ବା ପତ୍ନୀ ଅଛନ୍ତି ।

୧୭) ଯଦି ତାଙ୍କର ଦୁଇଟିରୁ ଅଧିକ ସନ୍ତାନ ଅଛନ୍ତି ।

୧୮) ଯଦି ନିର୍ବାଚନ ପୂର୍ବରୁ ଅଧକ୍ଷ କିମ୍ବା ଉପାଧକ୍ଷ ପଦବୀରୁ ପୌର ଆଇନ 53 ଧାରା ଅନୁସାରେ ପଦଚ୍ୟୁତ ହୋଇଥିବେ ।

୧୪) କେଉଁ ତାରିଖରୁ ଭୋଟରଙ୍କୁ (18 ବର୍ଷ) ବୟସ ସ୍ଥିର ହେବ ?

ଉ: ଲୋକ ପ୍ରତିନିଧି ନିୟମ 1950ର 14(b) ଅନୁଯାୟୀ କୌଣସି ନାଗରିକ ବୟସ ନିରୂପଣର ଧାର୍ଯ୍ୟ ତାରିଖ ଜାନୁୟାରୀ 1 ତିରାଖ ଯେଉଁଦିନସୁଦ୍ଧା ଭୋଟର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଥାଏ ପୌର ବା ପୌର ନିଗମ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ଯେ କୌଣସି ଦିନ ଧାର୍ଯ୍ୟ କରିପାରନ୍ତି ।

୧୫) କେଉଁ ତାରିଖ ସୁଦ୍ଧା ନିର୍ବାଚନ ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ବୟସ 21 ବର୍ଷ ହୋଇଥିବା ଦରକାର ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ 25(b) ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 24 ଅନୁଯାୟୀ ପ୍ରାଥମିକ ଭୋଟର ତାଲିକା ଯେଉଁଦିନ ପ୍ରକାଶ ପାଇବ ସେହି ଦିନ ସୁଦ୍ଧା ପ୍ରାର୍ଥୀ ହେବାପାଇଁ ବୟସ 21 ବର୍ଷ ହୋଇଥିବା ଆବଶ୍ୟକ ।

୧୬) ନିର୍ବାଚନରେ ଲଢୁଥିବା ପ୍ରାର୍ଥୀର ଅମାନତ ରାଶି କେତେ ? ଅଧିସୂଚିତ ଜାତି ଓ ଅଧିସୂଚିତ ଉପଜାତି ପ୍ରାର୍ଥୀଂକ ପାଇଁ କିଛି ରିହାତି ଅଛି କି ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994ର ନିୟମ ଅନୁଯାୟୀ ଅମାନତ ରାଶି ସାଧାରଣ ପ୍ରାର୍ଥୀଂକ ପାଇଁ 100 ଟଂକା ଥିଲାବେଳେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ପ୍ରାର୍ଥୀଂକ ପାଇଁ ଏହା 50 ଟଂକା ଅଟେ । ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 2003ର ନିୟମ 26 ଅନୁଯାୟୀ ପ୍ରାର୍ଥୀଂକ ପାଇଁ ଅମାନତ ରାଶି 250 ଟଂକା, ଅନୁସୁଚିତ ଜାତି/ଅନୁସୁଚିତ ଜନଜାତି ପ୍ରାର୍ଥୀଂକ ପାଇଁ କୌଣସି ରିହାତି ନାହିଁ ।

୧୭) ନିର୍ବାଚନ ପାଇଁ ପ୍ରାର୍ଥୀମାନଂକ ଖର୍ଚ୍ଚ ସୀମା ଉପରେ କଟକଣା ଅଛି କି ? ଏବଂ କେତେ ?

ଉ: ପ୍ରାର୍ଥୀମାନଂକର ଖର୍ଚ୍ଚସୀମା ଉପରେ ରାଜ୍ୟ ନିର୍ବାଚନ ଆୟୁକ୍ତ ନିମ୍ନମତେ କଟକଣା ରଖିଛନ୍ତି:

କ) ଅଧିସୁଚିତ କ୍ଷେତ୍ର ପରିଷଦ ଏବଂ ପୌର ପରିଷଦ ଯାହାର ଲୋକସଂଖ୍ୟା 50000 ଖର୍ଚ୍ଚ ସୀମା 30000 ଟଙ୍କା

ଖ) ପୌର ପରିଷଦ ଯାହାର ଲୋକସଂଖ୍ୟା 50000 ରୁ 100000 ମଧ୍ୟରେ ଖର୍ଚ୍ଚ ସୀମା 40000 ଟଙ୍କା

ଗ)	ପୌର ପରିଷଦ ଏବଂ ପୌର ନିଗମ ଯାହାର ଲୋକସଂଖ୍ୟା 100000 ରୁ ଉର୍ଦ୍ଧ୍ୱ ଖର୍ଚ୍ଚ ସୀମା 50000 ଟଙ୍କା

୧୮)	ପୌର ନିର୍ବାଚନରେ ମତଦାନ କେନ୍ଦ୍ର କିପରି ନିରୁପଣ କରାଯାଏ ଏବଂ ଏହା କେଉଁଠି ସ୍ଥାପିତ ହୋଇଥାଏ ?

ଉ:	ଓଡିଶା ପୋର ନିଗମ 2003 ର 35 ଧାରା ଅନୁଯାୟୀ ଏବଂ ଓଡିଶା ପୋର ନିୟମ 1994ର 36 ଧାରା ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଅନୁମୋଦନ କ୍ରମେ ପ୍ରତ୍ୟେକ ୱାର୍ଡ ପାଇଁ ଯଥେଷ୍ଟ ସଂଖ୍ୟକ ମତଦାନ କେନ୍ଦ୍ର ସ୍ଥାପନ କରିବା ଦାୟିତ୍ୱ ନିର୍ବାଚନ ଅଧିକାରୀଂକର। ଅତ୍ୟନ୍ତ ଅସୁବିଧା ନ ହେଲେ କୌଣସି ପରିସ୍ଥିତିରେ ଗୋଟିଏ ୱାର୍ଡର ମତଦାନ କେନ୍ଦ୍ର ଅନ୍ୟ ୱାର୍ଡର ପରିସୀମା ମଧ୍ୟରେ ପ୍ରତିଷ୍ଠା ହୋଇପାରିବ ନାହିଁ। କେବଳ ଅସ୍ୱାଭାବିକ ପରିସ୍ଥିତିରେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଅନୁମତି ପରେ ଗୋଟିଏ ୱାର୍ଡର ମତଦାନ କେନ୍ଦ୍ର ଅନ୍ୟ ୱାର୍ଡରେ ହୋଇପାରିବ।

୧୯)	ମ୍ୟୁନିସିପାଲିଟି ଗଠନର ପ୍ରକ୍ରିୟା କ'ଣ ? କେଉଁ ତାରିଖରୁ ମ୍ୟୁନିସିପାଲିଟି ଗଠିତ ହେଲା ବୋଲି ଧରାଯିବ ? ଏହାର ଅବଧି କେତେ ବର୍ଷ ?

ଉ:	ଓଡିଶା ମ୍ୟୁନିସିପାଲ ଅଧିନିୟମ 1950ର ଧାରା 8 ଓ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003ର ଧାରା 6 ଅନୁଯାୟୀ ନିର୍ବାଚିତ କାଉନସିଲର/କର୍ପୋରେଟର ଏବଂ ସେହି ପୌର ପରିଷଦ/ପୌର ନିଗମ ଅନ୍ତର୍ଗତ ରାଜ୍ୟ ବିଧାନସଭା ତଥା ଲୋକସଭା ସଦସ୍ୟ ଏବଂ ସେହି ପୌରାଞ୍ଚଳରେ ଭୋଟର ତାଲିକାରେ ନାମ ଥିବା ରାଜ୍ୟସଭାର ସଦସ୍ୟମାନଂକୁ ନେଇ ମ୍ୟୁନିସିପାଲିଟି ଗଠିତ। ଓଡିଶା ମ୍ୟୁନିସିପାଲ ଅଧିନିୟମ 1950ର ଧାରା 12 ଓ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ 2003ର ଧାରା 8 ଅନୁସାରେ ପ୍ରଥମ କରି ବସୁଥିବା ବୈଠକ ଦିନଠାରୁ ମ୍ୟୁନିସିପାଲ ଗଠିତ ହେଲା ବୋଲି ଧରି ନିଆଯିବ ଏବଂ ଏହାର ଅବଧି ସେହିଠାରୁ 5 ବର୍ଷ ବୟସ ପର୍ଯ୍ୟନ୍ତ ରହିବ, ଯଦି ଭାଂଗି ନ ଦିଆଯାଏ।।

୨୦)	ସହରାଞ୍ଚଳ ସ୍ୱାୟତଶାସନ ସଂସ୍ଥାଗୁଡିକରେ ନିର୍ବାଚନ ରାଜନୈତିକ ଦଳୀୟ ଭିତ୍ତିରେ ହୋଇଥାଏ କି ?

ଉ:	ହଁ। ଏଗୁଡିକରେ ରାଜନୈତିକ ଦଳୀୟ ଭିତ୍ତିରେ ପ୍ରାର୍ଥୀମାନେ ନିର୍ବାଚନ ଲଢିଥାଆନ୍ତି।

୨୧)	ଅବାଧ, ନିରପେକ୍ଷ ନିର୍ବାଚନ ପରିଚ୍ାଳନା ପାଇଁ ରାଜନୈତିକ ଦଳପାଇଁ କିଛି ଆଚରଣ ସଂହିତା ଅଛି କି ? ଯଦି ଅଛି ତେବେ ଏହା କେବେଠାରୁ କାର୍ଯ୍ୟକାରୀ ହୁଏ ଏବଂ କେଉଁ ପର୍ଯ୍ୟନ୍ତ ବଳବତ୍ତର ଥାଏ ?

ଉ:	ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଏକ ଆଚରଣ ସଂହିତା ପ୍ରସ୍ତୁତ କରିଛନ୍ତି ଏବଂ ରାଜନୈତିକ ଦଳ ତଥା ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ଏହାକୁ ମାନିବାକୁ ବାଧ୍ୟ ଅଟନ୍ତି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ହେବାଦିନଠାରୁ ଏହି ଆଚରଣ ସଂହିତା କାର୍ଯ୍ୟକାରୀ ହୁଏ ଏବଂ ଭୋଟଗଣନା ସରିବା ପର୍ଯ୍ୟନ୍ତ ବଳପତ୍ତର ରହେ।

୨୨) ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତିରାଜ ଅନୁଷ୍ଠାନରେ ନିର୍ବାଚନ ଲଢ଼ିବା ପାଇଁ ରାଜନୈତିକ ଦଳଗୁଡିକର ପଞ୍ଜିକରଣ କରନ୍ତି କି ?

ଉ: ପଞ୍ଚାୟତି ରାଜ ଅନୁଷ୍ଠାନ ମଧ୍ୟରୁ କେବଳ ଜିଲ୍ଲା ପରିଷଦ ପାଇଁ ଏବଂ ପୌର ସ୍ୱାୟତ୍ତଶାସନ ସଂସ୍ଥା ପାଇଁ ନିର୍ବାଚନ ଦଳୀୟ ଭିତ୍ତିରେ ହୋଇଥାଏ । ମାତ୍ର ରାଜନୈତିକର ପଞ୍ଜିକରଣ ପାଇଁ କୌଣସି ନିୟମ ଓଡିଶା ମ୍ୟୁନିସିପାଲ ଆଇନ 1950, ଓଡିଶା ମ୍ୟୁନିସିପାଲ ନିଗମ ଆଇନ 2003 ଏବଂ ଓଡିଶା ଜିଲ୍ଲା ପରିଷଦ ଆଇନ 1991ରେ କୌଣସି ବ୍ୟବସ୍ଥା ନାହିଁ ।

୨୩) ନିର୍ବାଚନ ପରେ ପ୍ରାର୍ଥୀଙ୍କ ଯୋଗ୍ୟତା, ଫଳାଫଳ ବା ଅନ୍ୟ କିଛି କାରଣ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଆବେଦନ କରି ହେବ କି ?

ଉ: ଆଇନରେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ପାଖରେ ନିର୍ବାଚନକୁ ନେଇ କିଛି ଆବେଦନ କରିବାର ବ୍ୟବସ୍ଥା ନାହିଁ । ଏହା ଉପଯୁକ୍ତ ନ୍ୟାୟାଳୟରେ ଆବେଦନ କରାଯାଇପାରିବ ।